## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୦।୧୦: ବିଷ ପାନ କରି ଗୁରୁତର ଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ବୁଧବାର ସକାଳେ ମୃତ୍ୟୁ ହୋଇଛି। ସେ ହେଉଛନ୍ତି ପ୍ରଶାନ୍ତ ସାହୁ (୨୮)। ଘର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ. ୫୭୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।
କୌଣସି ଏକ ଘରୋଇ ଅଶାନ୍ତିରୁ ପ୍ରଶାନ୍ତ ଗତ ୨୭ ତାରିଖରେ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

### ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୩୦।୧୦: ସ୍ୱାମୀଙ୍କ ସହ ମନ୍ଦିର ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସି ଗୁରୁତର ହୋଇଥିବା ଜଣେ ମହିଳାଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ନମିତା ପ୍ରଧାନ (୨୪)। ତାଙ୍କ ଘର ଶେରଗଡ ଥାନା ଅନ୍ତର୍ଗତ ଗୋଠଗାଁରେ ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୫୭୦/୧୯ରେ ଏକ ମାମଲା ରୁଜୁ କରିଛି। ପ୍ରକାଶଯେ, ଗତ ୨୮ ତାରିଖ ମଧ୍ୟାହ୍ନରେ ଅଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ନମିତା ଉଜ୍ଜ୍ୱଳେଶ୍ୱର ମନ୍ଦିରକୁ ଯାଇଥିଲେ। ପରେ ସେମାନେ ସେଠାରୁ ବାଇକ୍‌ରେ ଘରକୁ ଫେରୁଥିଲେ। ରାସ୍ତାରେ ଏକ କୁକୁର ତାଙ୍କ ବାଇକ୍ ଆଗକୁ ଚାଲି ଆସିଥିଲା। ଫଳରେ ପଛରେ ବସିଥିବା ନମିତା ଗାଡିରୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଗଭୀର ଆଘାତ ଲାଗିଥିଲା। ପ୍ରଥମେ ତାଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ୩୫ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ବ୍ରହ୍ମପୁର ଅଫିସ,୩୦।୧୦:ବ୍ରହ୍ମପୁର ସହର ଉପକଣ୍ଠ ଭୈରବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନିରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୩୫ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷକ ବିଶ୍ୱନାଥ ପଣ୍ଡା, ବିପିନ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ବିଷୋୟୀ, ମନସ୍ୱିନୀ ଦାସ, ସାନନ୍ଦ ନାୟକ, ଲାଲ୍‌ମୋହନ ନାହାକ ଏବଂ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### ୩ରେ ସ୍କେଟର ଚୟନ ଶିବିର

ବ୍ରହ୍ମପୁର ଅଫିସ୍,୩୦।୧୦: ୫୭ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଡିସେମ୍ବର ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣମ୍‌ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ କ୍ୟାଡେଟ ଗ୍ରୁପ୍ ଏବଂ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଗ୍ରୁପ ଖେଳାଳିମାନେ ଭାଗନେବେ। ଆନ୍ଧ୍ରପ୍ରଦେଶ ରୋଲର ସ୍କେଟିଂ ଆସୋସିଏଶନ ତରଫରୁ ଏହା ଆୟୋଜନ କରାଯାଉଛି। ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ଚାମ୍ପିୟନ୍‌ଶିପ୍‌ରେ ଓଡ଼ିଶାର ସମସ୍ତ ବର୍ଗର ସ୍କେଟରମାନେ ଅଂଶ ଗ୍ରହଣ କରିବେ। ଏଥି ପୂର୍ବରୁ ବ୍ରହ୍ମପୁରରେ ରାଜ୍ୟସ୍ତରୀୟ ଚୟନ ଶିବିର ଆସନ୍ତା ୩ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଚୟନ ଶିବିର ବ୍ରହ୍ମପୁର ଉପକଣ୍ଠ ଭାବନ୍ଧ ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ କଲେଜରେ ଅନୁଷ୍ଠିତ ହେବ। ଏଥିରେ ୫ରୁ ୧୭ବର୍ଷର ସ୍କେଟର ଏବଂ ତା' ଠାରୁ ଅଧିକ ବର୍ଗର ସ୍କେଟର ଅଂଶ ଗ୍ରହଣ କରିପାରିବେ। ଶିବିରକୁ ଗଞ୍ଜାମ ଜିଲା ରୋଲର ସ୍କେଟିଂ ଆସୋସିଏଶନ ପରିଚାଳନା କରୁଥିବା ବେଳେ ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ ଓଡ଼ିଶା ୟୁନିଟ ସହକାରୀ ସଂଯୋଜକ ଅମିତ ଶର୍ମା ତତ୍ତ୍ୱାବଧାନ କରିବେ। ଏଥିପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହରୁ ଅଧିକ ସ୍କେଟର ଏଥିରେ ଅଂଶ ଗ୍ରହଣ କରିବେ। ଓଡ଼ିଶା ସ୍କେଟିଂ ଟିମ୍ ପାଇଁ କିଭଳି ଅଧିକରୁ ଅଧିକ ସ୍କେଟରମାନେ ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ, ସେଥିପାଇଁ ସ୍କେଟରମାନେ ଶିବିରରେ ଅଂଶ ଗ୍ରହଣ କରିବା ଲାଗି ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆର ଓଡ଼ିଶା ୟୁନିଟ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## କୃତ୍ରିମ ବନ୍ୟା ପରିସ୍ଥିତି ଏଡାଇବାକୁ ବିଡିଏର ପଦକ୍ଷେପ

# ଡ୍ରେନ୍ ସ୍ଥାନରେ ଘର କରିଥିବା ୩୨ଜଣଙ୍କୁ ନୋଟିସ୍

- ୩ ମାସ ମଧ୍ୟରେ ବର୍ଷାଜଳ ସଂରକ୍ଷଣ ନିର୍ଦ୍ଦେଶ
- ନ ହେଲେ ୩ ଲକ୍ଷ ଜରିମାନା

ବ୍ରହ୍ମପୁର ଅଫିସ,୩୦।୧୦

ବ୍ରହ୍ମପୁରରେ ନିକଟରେ ହୋଇଥିବା ୩ ଦିନ ଲଗାଣ ବର୍ଷାରେ ସହରର ଅନେକ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ପରିସ୍ଥିତିକୁ ଭବିଷ୍ୟତରେ ଏଡାଇବା ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ସହରର ବିଭିନ୍ନ ଅଞ୍ଚଳରେ ଡ୍ରେନ୍ ନିର୍ମାଣ ସ୍ଥାନରେ ଘର କରିଥିବା ୩୨ ଘରକୁ ବିଡିଏ ପକ୍ଷରୁ ନୋଟିସ ଜାରି କରାଯାଇଛି। ଡ୍ରେନ୍ ନିର୍ମାଣ ସ୍ଥାନରେ ଘର ତିଆରି ଯୋଗୁ ଅନେକ ସମୟରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ଉପୁଜୁ ଥିବାରୁ ଏହି ଘରଗୁଡିକୁ ନୋଟିସ କରାଯାଇଥିବା ବିଡିଏ ପକ୍ଷରୁ ସୂଚନା ମିଳିଛି । ଆସନ୍ତା କିଛି ଦିନ ମଧ୍ୟରେ ଡ୍ରେନ୍ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆକ୍ଟ ଅନୁଯାୟୀ ଉକ୍ତ ସ୍ଥାନକୁ ଉଚ୍ଛେଦ କରାଯିବାକୁ ନୋଟିସରେ ଦର୍ଶାଯାଇଛି । ଅନ୍ୟପକ୍ଷରେ ୨୦୦୦ ମସିହା ପରେ ବିଡିଏ ଦ୍ୱାରା ଅନୁମୋଦିତ ହୋଇଥିବା ୧୪ ଘରକୁ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରାଯିବା ନେଇ ନୋଟିସ ଜାରି କରାଯାଇଛି । ଆସନ୍ତା ୩ ମାସ ମଧ୍ୟରେ ଉକ୍ତ ଘରଗୁଡିକୁ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆକ୍ଟ ଅନୁଯାୟୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ ବୋଲି ନୋଟିସରେ କୁହାଯାଇଥିବା ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି ।

## ଓଡ଼ିଶା ହ୍ୟାଣ୍ଡବଲ୍ ଦଳରେ ବ୍ରହ୍ମପୁରର ୩ ଖେଳାଳି



ଓଡ଼ିଶା ଦଳରେ ସାମିଲ ଖେଳାଳିମାନେ ।

ବ୍ରହ୍ମପୁର ଅଫିସ,୩୦।୧୦

ଆସନ୍ତା ୧ରୁ ୩ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଇଣ୍ଡୋର୍‌ରେ ଜାତୀୟ ବାଳକ ସବ୍‌ଜୁନିୟର୍ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶା ଦଳ ଭାଗନେଉଛି । ତେବେ ଓଡ଼ିଶା ଦଳରେ ବ୍ରହ୍ମପୁରର ୩ ଖେଳାଳି ରହିଛନ୍ତି । ସେମାନେ ହେଲେ ରାମାଶିଶ୍ ଜେନା, ଜିତେସ୍ ଜେନା ଏବଂ ଡି.ଚନ୍ଦନ । ଦଳରେ ସାମିଲ ହେବା ପାଇଁ ସେମାନେ ବୁଧବାର ଯାତ୍ରା କରିଛନ୍ତି । ଚଳିତ ମାସ କଟକର ବିଡ଼ାନାସିରେ ଅନୁଷ୍ଠିତ ଆନ୍ତଃଜିଲା ସବ୍‌ଜୁନିୟର୍ ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ଦଳ ଫାଇନାଲ୍‌ରେ କଟକକୁ ହରାଇ ଚାମ୍ପିୟନ୍ ହୋଇଥିଲା । ଗଞ୍ଜାମକୁ ଚାମ୍ପିୟନ୍ କରିବାରେ ଏହି ଖେଳାଳିମାନେ ପ୍ରମୁଖ ଭୂମିକା ନେଇଥିଲେ। ଖେଳାଳିଙ୍କୁ କୋଚ୍ ପ୍ରଶାନ୍ତ କୁମାର ରଥ ଏବଂ ଖେଳ ଶିକ୍ଷକ ଏ.ତେଜେସ୍ୱୀଙ୍କଠାରୁ ତାଲିମ ନେଉଛନ୍ତି ।
ସଫଳତା ତଥା ଏହି ୩ ଖେଳାଳିଙ୍କୁ ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସଭାପତି ଅଶୋକ ଶୁକ୍ଳା, ପ୍ରକାଶ ପଣ୍ଡା, ଏଚ୍. ମନୋଜ ପାତ୍ରଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

## ଗୁରୁକୁଳ ଇଣ୍ଟରନ୍ୟାଶନାଲରେ ଭିଜିଲାନ୍ସ ସଚେତନତା ସପ୍ତାହ

# ସଚ୍ଚୋଟ ଜୀବନଶୈଳୀ ଆପଣେଇବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୩୦।୧୦

ସଚ୍ଚୋଟତା ଏକ ଜୀବନଶୈଳୀ । ଦୁର୍ନୀତିକୁ ପ୍ରଶ୍ରୟ ନ ଦେଇ ସଚ୍ଚୋଟ ଜୀବନଶୈଳୀ ଆପଣେଇବା ଆବଶ୍ୟକ ବୋଲି ବ୍ରହ୍ମପୁର ଗୁଡସ୍ ଶେଡ ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଯୋଗଦେଇ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି । ଦୁର୍ନୀତି ନିବାରଣ କରିବାକୁ ହେଲେ ଏହାକୁ ପ୍ରଶ୍ରୟ ନ ଦେଇ ତା ବିରୋଧରେ ସ୍ୱରଉତ୍ତୋଳନ କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ କହିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଏସ୍‌ପି ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଏଏସ୍‌ପି ଶାନ୍ତନୁ ପାଢୀ, ରେଟାରୀ କ୍ଲବ ବ୍ରହ୍ମପୁର ସଭାପତି ମହେଶ ଜେନା, ରେଟାରୀ କ୍ଲବ ସେଣ୍ଟ୍ରାଲ ସମ୍ପାଦକ ମଞ୍ଜିତ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ନରସିଂହ ସାହୁ, ଉପାଧ୍ୟକ୍ଷ ଭିକାରୀ ଚରଣ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ନୀତିକୁ ପ୍ରଶ୍ରୟ ନ କରିବାକୁ ତଥା ଦୁର୍ନୀତିରୁ ନିବୃତ୍ତ ରହିବାକୁ ଛାତ୍ରୀଛାତ୍ର, ଅଧ୍ୟାପକମାନେ ଶପଥ ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦିକା ଅନୀତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଟ୍ରାଫିକ୍ ଥାନାଧିକାରୀ ଭାବେ ସୁନୀଲଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର ଅଫିସ,୩୦।୧୦

ଟ୍ରାଫିକ ଥାନାରେ ନୂତନ ଅଧିକାରୀ ଭାବେ ବୁଧବାର ସୁନୀଲ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଖଲ୍ଲିକୋଟ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ଟ୍ରାଫିକ ଥାନାରେ ଯୋଗଦେବା ପରେ ବିଭାଗୀୟ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଜନସାଧାରଣଙ୍କ ସହଯୋଗରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଟ୍ରାଫିକ ଥାନାରେ ପୂର୍ବରୁ ଇନ୍ସପେକ୍ଟର ଥିବା ଦେବାଶିଷ ମହାନ୍ତିଙ୍କ ଗଞ୍ଜାମ ପୋଲିସ ଜିଲାକୁ ବଦଳି ହୋଇଥିଲା।

## ଓଡିଶା ଚିତ୍ରାଳୟ ମାଲିକ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୩୦।୧୦

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ପକ୍ଷରୁ ମା' କୁରେଇଶୁଣି ଲୋକକଳା ନିର୍ଦ୍ଦେଶକ ସଂଘ, ଗଞ୍ଜାମ ଜିଲା ଶବ୍ଦାଲୋକ ଓ ଚିତ୍ରାଳୟ କାରିଗର ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀନୂଆଗାଁ ମା' କାଲୁଆ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଚିତ୍ରାଳୟ ମାଲିକ ସଂଘ ରାଜ୍ୟ ସଭାପତି ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ନିର୍ଦ୍ଦେଶକ ସଂଘ ଉପଦେଷ୍ଟା ଡା. ତିରୁପତି ସାହୁ, ସଭାପତି ଜି. ରାଜେନ୍ଦ୍ର ରେଡ୍ଡୀ, ଚିତ୍ରାଳୟ ସଂଘ ଗଞ୍ଜାମ ଜିଲା ଶାଖା ସଭାପତି ଦିଲୀପ କୁମାର ସାମନ୍ତରା, ନୟାଗଡ ଶାଖା ସଭାପତି ପ୍ରମୋଦ କୁମାର ରଥ, ଚିତ୍ରାଳୟ ସଂଘ ଉପଦେଷ୍ଟା ବିଜୟ କୁମାର ସାହୁ, କାରିଗର ସଂଘ ସମ୍ପାଦକ ଶିବରାମ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ସୁବାସ ଚନ୍ଦ୍ର ସାହୁ ବୈଠକର ଆଭିମୁଖ୍ୟ ଉପରେ କହିଥିଲେ। ଚିତ୍ରାଳୟ ମାଲିକ, ନିର୍ଦ୍ଦେଶକ, କାରିଗର ଓ କଳାକାରଙ୍କୁ ନେଇ ମହାମେଣ୍ଟ ଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ନାଟକ ଷୋହଳ ଘଣ୍ଟା ମଧ୍ୟରେ ସୀମିତ ରଖିବା ସହ ମଞ୍ଚକୁ ଅପସଂସ୍କୃତିଠାରୁ ଦୂରେଇ ରଖିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।

## ଶିଳ୍ପୀ ସତ୍ୟଙ୍କଠାରୁ ସ୍କୋକ୍ ଆର୍ଟ ଶିଖିଲେ ଅଷ୍ଟ୍ରେଲିଆର ୮ ଛାତ୍ରୀଛାତ୍ର


କର୍ମଶାଳାରେ ଉପସ୍ଥିତ ଅଷ୍ଟ୍ରେଲିଆର ଛାତ୍ରୀଛାତ୍ରଙ୍କ ସମେତ ସତ୍ୟ ମହାରଣା ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୩୦।୧୦

ବିଭିନ୍ନ ସମୟରେ କ୍ଷୁଦ୍ର ଓ ବୃହତ କଳାକୃତି କରି ବିଶ୍ୱରେକର୍ଡ ସୃଷ୍ଟି କରିଥିବା ଶିଳ୍ପୀ ସତ୍ୟ ମହାରଣାଙ୍କଠାରୁ କଳାକୃତି ଶିକ୍ଷାଲାଭ କରିଛନ୍ତି ଅଷ୍ଟ୍ରେଲିଆ ଡେକାନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର । ଭୁବନେଶ୍ୱର ଅର୍ବାନ୍ ମାଇକ୍ରୋ ବିଜିନେସ୍ ସେଣ୍ଟର(ୟୁଏମ୍‌ବିସି) ପରିସରରେ ଆୟୋଜିତ ଏକ ପ୍ରଶିକ୍ଷଣ କର୍ମଶାଳାରେ ଶିଳ୍ପୀ ମହାରଣା ଡେକାନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସ୍କୋକ୍ ଆର୍ଟ, ପେପର କ୍ରାଫ୍ଟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି କର୍ମଶାଳାରେ ଅଷ୍ଟ୍ରେଲିଆର ଡେକାନ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ସମେତ ୮ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ସେମାନେ ଅକ୍ଟୋବର ୨୮ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା କର୍ମଶାଳାରେ ଓଡିଶାର ସଂସ୍କୃତି ଓ ପରମ୍ପରା ସହ ଏହାର ପାରମ୍ପରିକ କଳାକୃତି ଉପରେ ପ୍ରଶିକ୍ଷଣ ନେବାକୁ ଥିବା ମହାରଣା କହିଛନ୍ତି। ଅନ୍ୟ କଳାକୃତି ମଧ୍ୟରେ ସ୍କୋକ୍ ଆର୍ଟ, ପେପର କ୍ରାଫ୍ଟ କଳାକୃତି ବିରଳ। ଏହି କଳାକୁ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ପ୍ରଦାନ କରିବା ନେଇ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସୂଚାଇଥିବା ମହାରଣା କହିଛନ୍ତି। ଏଥିରେ ୟୁଏମ୍‌ବିସି ନିର୍ଦ୍ଦେଶକ ସୁବ୍ରତ ଦାଶ ଉପସ୍ଥିତ ରହି ଓଡ଼ିଶାର କଳାକୃତି, ପରମ୍ପରାକୁ ବିଦେଶରେ ପହଞ୍ଚାଇବାରେ ଏହା ମାଧ୍ୟମ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ନାହାକ, ସୁଧୀର ସାହୁ, ଆନନ୍ଦ , ହୃଷୀକେଶ ମହାଙ୍କୁଡ, ଉଷା ପୂର୍ଣ୍ଣିମା, ଶ୍ରଦ୍ଧା ଓ ସେନାଲୀ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ଅଧିକ ସୁଧ ନାଁରେ ଟଙ୍କା ଠକେଇ ମାମଲା

# ରିମାଣ୍ଡ ସରିଲା, ଜେଲକୁ ଫେରିଲେ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ ,୩୦।୧୦

ଅଧିକ ସୁଧ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଜେଲରେ ଥିବା ଯୁବତୀ ମଧୁସ୍ମିତା ମହାପାତ୍ରଙ୍କୁ ବୈଦ୍ୟନାଥପୁର ପୋଲିସ ଦିନିକିଆ ରିମାଣ୍ଡରେ ଆଣିଥିଲା। ପୋଲିସ ଏହି ଘଟଣାରେ ମଧୁସ୍ମିତାଙ୍କ ସହ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେ ସମ୍ପର୍କରେ ଅଧିକ ଜେରା ବେଳେ କେତେକ ତଥ୍ୟ ହାସଲ କରିଥିବା ଜାଣିବାକୁ ପାଇଛି। ମଙ୍ଗଳବାର ରିମାଣ୍ଡ ଅବଧି ସରିବା ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨ ବର୍ଷ ତଳେ ମଧୁସ୍ମିତା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟା ନଗରରେ ଏକ ଭଡାଘରେ ରହି ନିଜକୁ ସେଣ୍ଟ୍ରାଲ ଇଲେକ୍ଟ୍ରିକାଲ ଅଥରିଟି ମୁଖ୍ୟ ବୋଲି ପରିଚୟ ଦେଇଥିଲେ। ସଂସ୍ଥା ପକ୍ଷରୁ ଅନେକ ଲୋଭନୀୟ ଯୋଜନା ସମ୍ପର୍କରେ ୧୬ ଜଣ ଜମାକାରୀଙ୍କଠାରୁ ୧ କୋଟି ୧୭ ଲକ୍ଷ ଟଙ୍କା ଆଦାୟ କରିବା ପରେ ହଠାତ୍ ସେ ଫେରାର ହୋଇଯାଇଥିଲେ। ଠକାମିର ଶିକାର ହୋଇଥିବା ଜଣେ ଜମାକାରୀ ତ୍ରିପୁରା ପ୍ରସାଦ ପାଣିଗ୍ରାହୀ ଗତ ଏପ୍ରିଲ ୨୪ ତାରିଖରେ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୮୭/୧୯ରେ ଅନୁସନ୍ଧାନ କରି ଗତ ୧୫ ତାରିଖରେ କଟକରୁ ମଧୁସ୍ମିତାଙ୍କୁ ଗିରଫ କରିଥିଲା। ଏପରିକି ଏହି ଘଟଣାରେ ନିଜକୁ ପୋଲିସର ଦଲାଲ ବୋଲି କହି ୬ ଲକ୍ଷ ୪୦ ହଜାର ଟଙ୍କା ମଧୁସ୍ମିତାଙ୍କଠାରୁ ନେଇଥିବା ଜଣାପଡିବା ପରେ ବୈଦ୍ୟନାଥପୁର ପୋଲିସ ମୁନା ପଠାନଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବିଜ୍ଞାନ ମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ

ବ୍ରହ୍ମପୁର ଅଫିସ,୩୦।୧୦

ସ୍ଥାନୀୟ ରାମନଗର ଶିବାନନ୍ଦ ଶିଶୁ ମନ୍ଦିରରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷାନୁଷ୍ଠାନ ସଭାପତି ଡ଼. ଭଗବାନ ଗନ୍ତାୟତ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପ୍ରତି ବିଜ୍ଞାନର ବିଶେଷ ଚାହିଦା ଥିବାରୁ ବିଦ୍ୟାର୍ଥୀମାନେ ଏହି ପାଠ୍ୟକ୍ରମ ପ୍ରତି ଆଗ୍ରହୀ ହେବାକୁ ସେ ପରାମର୍ଶ ଦେଇଥିଲେ। ଲାଇଫ ଲାଇନ ସଭାପତି ଏଲ. ସୁଦାମ ଦାସ, ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବିଶ୍ୱନାଥ ଦାସ, ଅଭିନେତା ଅମୂଲ୍ୟ ରଞ୍ଜନ ସାହୁ, ଗିରିଧର ରେଡ୍ଡୀ, ତ୍ରିଲୋଚନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ମଣ୍ଡଳ ଏହାକୁ ସଂଯୋଜନା କରିଥିବା ବେଳେ ପୁଷ୍ପମାଳା ପ୍ରଧାନ, ବାସୁଦେବ ନାୟକ ବିଚାରକ ଥିଲେ। ରାଜେନ୍ଦ୍ର ମଣ୍ଡଳ, ବଳରାମ ବିଶୋୟୀ, ବସନ୍ତ କୁମାର ସେଠୀ ପ୍ରମୁଖ ଆଚାର୍ଯ୍ୟମାନେ ସହଯୋଗ କରିଥିଲେ । ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ନାମ ଘୋଷଣା କରାଯାଇଥିଲା।


ଅତିଥିମାନେ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରୁଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର ଅଫିସ,୩୦।୧୦


ଜନ ସମ୍ପର୍କ ପଦଯାତ୍ରା ।

**ବିଜିପୁର-ଗୋଷାଣୀନୂଆଗାଁର ୫ ୱାର୍ଡ**

ବ୍ରହ୍ମପୁର ମହାନଗର ଗୋଷାଣୀନୂଆଗାଁ ଓ ବିଜିପୁର ୫ ୱାର୍ଡରେ ବିଜେଡିର ଜନ ସମ୍ପର୍କ ସ୍ଥାପନ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନଂ. ୨୪, ୨୫, ୨୬, ୨୭ ଓ ୨୮ର ଶହ ଶହ ଲୋକ ଏଥିରେ ସାମିଲ ହୋଇଥିଲେ। ମହିଳା ବିଜେଡି ଜିଲା ସଭାନେତ୍ରୀ ତଥା ୨୪ନଂ. ୱାର୍ଡର ପୂର୍ବତନ କର୍ପୋରେଟର ସଂଘମିତ୍ରା ଦଳାଇ ବିଜିପୁର ଅଞ୍ଚଳର ସାହିଗୁଡିକରେ ହୋଇଥିବା ପଦଯାତ୍ରାର ନେତୃତ୍ୱ ନେଇଥିବା ବେଳେ ୨୫ନଂ. ୱାର୍ଡ ପୂର୍ବତନ କର୍ପୋରେଟର ମମତାରାଣୀ ରାୟ କର୍ମୀଙ୍କ ସହ ତାଙ୍କ ଅଞ୍ଚଳରେ ବୁଲିଥିଲେ। ସେହିପରି ଜିଲା ବିଜେଡି ଉପସଭାପତି ସଞ୍ଜିତ ପାଣିଗ୍ରାହୀଙ୍କ ନେତୃତ୍ୱରେ ୨୮ନଂ. ୱାର୍ଡ ହିଲପାଟଣା ଗୋପବନ୍ଧୁନଗର ଓ ଅନ୍ୟ ସାହିବସ୍ତିରେ ପଦଯାତ୍ରା ହୋଇଥିଲା। ୨୭ନଂ. ୱାର୍ଡରେ ପୂର୍ବତନ କର୍ପୋରେଟର ପାର୍ବତୀ ପ୍ରଧାନ ଓ ୨୬ନଂ. ୱାର୍ଡରେ ମଧ୍ୟ ଜନ ସମ୍ପର୍କ ପଦଯାତ୍ରା ହୋଇଥିଲା।
ଏହି ୫ ୱାର୍ଡରେ ପଦଯାତ୍ରା ଶେଷରେ ଗୋଷାଣୀନୂଆଗାଁ ରେଲୱେ ଓଭରବ୍ରିଜ ପାଖରେ ସନ୍ଧ୍ୟାରେ ସମାବେଶ ହୋଇଥିଲା। ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ବିଡିଏ ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଯୁବ ବିଜେଡି ଜିଲା ସଭାପତି ଏନ୍. ଧନଞ୍ଜୟ ରାଓ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ କାର୍ଯ୍ୟକ୍ରମ ୫-ଟି ଏବଂ ମୋ ସରକାର ନେଇ ଆଲୋକପାତ କରିଥିଲେ। ଏହି ଦୁଇ କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ବିଶେଷ ଉପକୃତ ହୋଇପାରିବାର ନେତାମାନେ ସମବେତ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଣ୍ଡପାଣି ନାୟକ ଓ ଭଗବାନ ଗନ୍ତାୟତ ଉଦ୍‌ବୋଧନ ଦେଇଥିଲେ । ଜନ ସମ୍ପର୍କ ସ୍ଥାପନ କାର୍ଯ୍ୟକ୍ରମରେ ଜିଲା ବିଜେଡି କର୍ମକର୍ତ୍ତା ଅନୀଲ ସାହୁ, ଜଗନ୍ନାଥ ସାବତଙ୍କ ସମେତ ଭୀମସେନ ଦଳାଇ, ସୁଦର୍ଶନ ଗୌଡ଼, ଲୁନା ମହାରଣା, ମୁକୁନ୍ଦ ଗୌଡ଼ ଓ ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ୱାର୍ଡ ପରିକ୍ରମା ବେଳେ ନବୀନ ସରକାରଙ୍କ ବହୁମୁଖୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା। ଅଧିକ ସଂଖ୍ୟକ ଲୋକ ବିଜେଡିରେ ସଦସ୍ୟ ହେବାକୁ ଆହ୍ୱାନ ଦିଆଯାଇଥିଲା। ମାସକ ମଧ୍ୟରେ ଶହ ଶହ ଲୋକ ବିଜେଡି ନୂଆ ସଦସ୍ୟ ହୋଇଥିବା ସମାବେଶରେ ସୂଚନା ଦିଆଯାଇଥିଲା ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଅକ୍ଟୋବର ୩୧/୨୦୧୯ Berhampur, Thursday, October 31/ 2019

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା,୩୦।୧୦(ଡି.ଏନ୍.ଏ.) ଆସିକା ଥାନା ଅନ୍ତର୍ଗତ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମ ନିକଟ କିରାଖାଇ ପାହାଡରୁ ବୁଧବାର ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ସେ ହେଲେ କିଶୋରଚନ୍ଦ୍ରପଲ୍ଲୀ ଗ୍ରାମର ଭଗବତୀ ମହାନ୍ତି (୫୫)। ପିନ୍ଧା ଶାଢୀ ବେକରେ ବନ୍ଧାଯାଇ ମୃତଦେହ ଗଛରେ ଝୁଲୁଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ମୃତଦେହ ଜବତ ପରେ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ସୋମବାର ଅପରାହ୍ନରୁ ଭଉଣୀ ନିଖୋଜ ଥିଲେ ବୋଲି ମୃତା ମହିଳାଙ୍କ ଭାଇ ଆସିକା ଥାନାରେ ଅଭିଯୋଗ କରିଛନ୍ତି । କିରାଖାଇ ପାହାଡ ନିକଟରେ ଏକ ମୃତଦେହ ଝୁଲୁଥିବା ବୁଧବାର ସେ ସୂଚନା ପାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏହା ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି।

୨ ଛତୁଆ ପ୍ରସ୍ତୁତି କେନ୍ଦ୍ର ବନ୍ଦ ପ୍ରସଙ୍ଗ

### ଶିଶୁଙ୍କ ଖାଦ୍ୟ ପ୍ରତି ସାଲିସ ହେବନି: ଜିଲାପାଳ

ଛତ୍ରପୁର,୩୦।୧୦(ଡି.ଏନ.ଏ)- କୁକୁଡାଖଣ୍ଡି ବ୍ଲକ ଅଧୀନ ଜଗଦଲପୁର ଗାଁରେ ଥିବା ସଂଗ୍ରାମ ସ୍ୱଂୟ ସହାୟକ ଗୋଷ୍ଠୀ ଓ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଇନ୍ଦ୍ରାକ୍ଷୀର ବଜରଙ୍ଗବାଲି ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଷ୍କାର ପରିଚ୍ଛନ୍ନ ନ ଥିବା କାରଣରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ତାହା ବନ୍ଦ ରହିଛି । ଉକ୍ତ ୨ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଚାଳନା କରୁଥିବା ମହିଳା ସଂଘ କର୍ମମର୍ତ୍ତା ବୁଧବାର ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ପୁଣି କେନ୍ଦ୍ର ଖୋଲିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତେବେ ଶିଶୁଙ୍କ ଖାଦ୍ୟ ଉପରେ କୌଣସି ସାଲିସ କରାଯାଇ ପାରିବନି ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ଛତୁଆ କେନ୍ଦ୍ରକୁ ଜିଲାପାଳ ଅଚାନକ ପରିଦର୍ଶନରେ ଯାଇଥିବା ବେଳେ ସେଠାରେ ପରିଷ୍କାର ଓ ପରିଚ୍ଛନ୍ନ ନ ଥିବା ଦେଖିଥିଲେ ।

### ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ

ଛତ୍ରପୁର,୩୦।୧୦(ଡି.ଏନ.ଏ)-ଛତ୍ରପୁରରେ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ସର୍କିଟ ହାଉସ ନିକଟରୁ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ କହିଥିଲେ । ବ୍ରହ୍ମପୁର ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁମନ ପଣ୍ଡା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅଭିକର୍ତ୍ତା ଓ ଅଫିସର କର୍ମଚାରୀମାନେ ସାମିଲ ହୋଇ ଲୋକଙ୍କୁ ସ୍ୱଳ୍ପ ସଞ୍ଚୟ ଉପରେ ଅବଗତ କରାଇଥିଲେ ।

କବାଟ ଭାଙ୍ଗି ସୁନା ଅଳଙ୍କାର, ମୋବାଇଲ ଲୁଟ୍

### ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ଦିଗପହଣ୍ଡି,୩୦।୧୦(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ବମକେଇ ଗାଁ ପତିତପାବନ ସାହିର ବିଜୟ କୁମାର ପ୍ରଧାନଙ୍କ ଘରୁ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ପ୍ରାୟ ୪ ଭରି ଓଜନର ସୁନାଗହଣା, ୪୦ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି। ବିଜୟଙ୍କ ଏତଲାକୁ ଭିତ୍ତି କରି କେ.ନୂଆଗାଁ ପୋଲିସ ନଂ. ୨୧୫/୧୯ ରେ ମାମଲା ରୁଜୁ କରିଛି। ବ୍ରହ୍ମପୁରରୁ ଆସିଥିବା ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ ମଧ ଦୁର୍ବୃତ୍ତଙ୍କ ସୁରାକ ମିଳି ନ ଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ଞାନରଞ୍ଜନ ସେଠୀ କହିଛନ୍ତି। ବିଜୟ ରାତ୍ରିଭୋଜନ ସାରି ପରିବାର ଲୋକଙ୍କ ସହ ଘରର ୨ୟ ବଖରାରେ ଶୋଇଥିଲେ। ପରିବାର ଲୋକେ ସକାଳୁ ଉଠି ଦେଖିବା ବେଳକୁ ଘର ବାରିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରା ଓ ଟ୍ରଙ୍କ ଚାବି ତାଡ଼ି ଟଙ୍କା ଓ ସୁନଗହଣା ଲୁଟି ନେବା ସହ ଅନ୍ୟାନ୍ୟ ଆସବାବପତ୍ର ଫିଙ୍ଗା ଫୋପଡା କରିଦେଇଥିଲେ। ବିଜୟ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ବିଜୟଙ୍କ ପଡ଼ିଶାରେ ରହୁଥିବା ତାଙ୍କ ଭାଇ ଭାସ୍କରଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିଲେ ମଧ ଘରେ ପଶି ପାରି ନ ଥିବା ଜଣାପଡ଼ିଛି।

■ ସଡ଼କ ସୁରକ୍ଷା କମିଟି ବୈଠକ

# ସିସି କ୍ୟାମେରା ଲଗାଇବାରେ ବିଳମ୍ବ

**ଛତ୍ରପୁର,୩୦।୧୦(ଡି.ଏନ.ଏ)**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

■ ଛତ୍ରପୁରରେ ଅଣ୍ଡରପାସ୍ ନିର୍ମାଣ ପାଇଁ ପୁଣି ଲେଖାଯିବ ଚିଠି

■ ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଚଳାଉଛନ୍ତି ଟ୍ରକ

ଗଞ୍ଜାମ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ନୂଆ ବସଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥରେ ଅଣ୍ଡରପାସ୍ ନିର୍ମାଣ ପାଇଁ ଜିଲାପାଳ ପୂର୍ବରୁ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି। ପୁଣି ଏନ୍ଏଚଏଆଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ଜିଲାପାଳ ବୈଠକରେ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବ୍ରହ୍ମପୁର ହଳଦିଆପଦର ନିକଟରେ ଏନ୍ଏଚ୍ ଉପରେ ଫ୍ଲାଇଓଭର ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ହୁମ୍ମା ଶୁଖୁଆ ହାଟ ସମ୍ମୁଖ ଜାତୀୟ ରାଜପଥରେ ଅଣ୍ଡରପାସ୍ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ସୂଚନା ଦିଆଯାଇଛି। ଏନ୍ଏଚ୍‌ରେ ସିସି କ୍ୟାମେରା ଲଗାଇବାକୁ ଗତ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ମଧ କାର୍ଯ୍ୟକାରୀ ହୋଇନି । ଏ ନେଇ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଉଦ୍‌ବେଗ ପ୍ରକାଶ କରିବା ସହ କେବେ ଏହା ଲାଗିବ ଜଣାଇବାକୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ । ୨ ମାସ ମଧ୍ୟରେ ଇଚ୍ଛାପୁରଠାରୁ ପୁଇଁତଳା ପର୍ଯ୍ୟନ୍ତ ୬୦ କି.ମି. ଏନଏଚ୍‌ରେ ସିସି କ୍ୟାମେରା ଲାଗିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏହାର କଣ୍ଟ୍ରୋଲ ରୁମ୍ ଇଚ୍ଛାପୁରରେ ରହିବ ବୋଲି କୁହାଯିବାରୁ ଜିଲାପାଳ ଓ ଏସ୍‌ପି ନାପସନ୍ଦ କରିଥିଲେ। ଛତ୍ରପୁର ଆର୍‌ଟିଓ ଅଫିସ ଓ ହଳଦିଆପଦର ନୂଆବସଷ୍ଟାଣ୍ଡରେ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବାକୁ ସେମାନେ କହିଥିଲେ । ବିନା ଲାଇସେନ୍ସରେ ଟ୍ରକ୍ ଚଳାଉଥିବା ଏବଂ କେତେକ ଗାଡିର ନମ୍ବର ପ୍ଲେଟ୍ ନଥିବା ସମ୍ପର୍କରେ ଟ୍ରାକିଂ କରି ଆପ୍ ଦ୍ୱାରା ଜଣାପଡିଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏନଏଚ୍‌ରେ ଅବାଧରେ ବୁଲୁଥିବା ଗୋରୁଙ୍କୁ ଧରି ଗୋପାଳକମାନଙ୍କୁ ଦେବାକୁ ଏନଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ସେହିପରି ବସ ଛାତ ଉପରେ ଯାତ୍ରୀ ପରିବହନ ଏବଂ ଅତ୍ୟଧିକ ଯାତ୍ରୀ ପରିବହନ କରାଗଲେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ, ଆରଟିଓ ସଞ୍ଜୟ ବିଶ୍ୱାଳଙ୍କ ସମେତ ଏନ୍ଏଚ୍ଏଆଇ ଅଧିକାରୀ, ରାସ୍ତା ଓ କୋଠାବାଡି, ଗ୍ରାମ୍ୟ ଉନ୍ନୟନ ନିର୍ବାହୀଯନ୍ତ୍ରୀ, ଟ୍ରକ୍ ଓ ବସ୍ ମାଲିକ ସଂଘର କର୍ମକର୍ତ୍ତା, କମିଟି ସଦସ୍ୟ ଅନିଲ ପାଢୀ ଓ ବସନ୍ତ ମହାରଣାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ସୋରଡ଼ା ଏନ୍ଏସି

### ରାସ୍ତାରେ ଅଳିଆ ପକାଇଲେ ଜରିମାନା

**ସୋରଡା,୩୦।୧୦(ଡି.ଏନ୍.ଏ.)**

ଏଣିକି ରାସ୍ତାରେ ଅଳିଆ ପକାଇଲେ, ରାସ୍ତା ଅବରାଧ କଲେ ଡଣ୍ଡ ଗଣିବାକୁ ପଡିବ। ସୋରଡା ଏନ୍ଏସି ତରଫରୁ ସହରର ଗଳିକନ୍ଦି, ହୋଟେଲ, ଦୋକାନ ସମ୍ମୁଖରୁ ଭୋର ୪ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ସଫେଇ କରାଯିବ। କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ସାହୁ, ତଦାରଖ ଅଧିକାରୀ ଶାନ୍ତନୁ ଶତପଥୀ ଏହାର ତଦାରଖ କରୁଛନ୍ତି। ବୁଧବାର କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଯନ୍ତ୍ରୀ ସାହୁ, ଶାନ୍ତନୁ ଶତପଥୀ, ନୀଳମଣି ପାଢୀଙ୍କ ସମେତ ସଫେଇ କର୍ମଚାରୀଙ୍କ ୧୫ଜଣିଆ ଦଳ ସରକାରୀ ଡାକ୍ତରଖାନା ପରିସର ସଫେଇ କରିଛନ୍ତି। ବ୍ଲକ ଲାଇନ ଅଞ୍ଚଳରେ ଦୋକାନୀଙ୍କୁ ଡଷ୍ଟବିନ୍ ପ୍ରଦାନ କରାଯାଇଛି। ଏହାକୁ ବ୍ୟବହାର ନ କରି ଅଳିଆ ଏଣେତେଣେ ଫିଙ୍ଗିଲେ ଜରିମାନା ଦେବାକୁ ପଡିବ ବୋଲି କନିଷ୍ଠ ଯନ୍ତ୍ରୀ ସାହୁ କହିଛନ୍ତି।

■ ସ୍ତ୍ରୀଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିବା ଘଟଣା

# ଅଭିଯୁକ୍ତ ସ୍ୱାମୀ ଗିରଫ

**ବୁଗୁଡ଼ା,୩୦।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା ପାଣିକେଶର ଗ୍ରାମର ଶୁଭଶ୍ରୀ ଗୌଡ଼ଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିଥିବା ଘଟଣାରେ ପୋଲିସ ବୁଧବାର ସ୍ୱାମୀଙ୍କୁ କୋର୍ଟଚାଲାଣ କରିଛି। ଗିରଫ ସ୍ୱାମୀ ହେଲେ ବୁଗୁଡ଼ା ଥାନା ଭଗବାନପୁର ଗ୍ରାମର ଶରତ ଗୌଡ଼। ଏ ନେଇ ବୁଗୁଡ଼ା ପୋଲିସ ନଂ. ୨୧୬/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ଅଭିଯୁକ୍ତ।

ଗତ ଅପ୍ରେଲ ୧୭ ତାରିଖରେ ଶରତ ମନ୍ଦିରରେ ଶୁଭଶ୍ରୀଙ୍କୁ ବିବାହ କରିଥିଲେ। ହେଲେ ସବୁବେଳେ ଶୁଭଶ୍ରୀଙ୍କୁ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ସ୍ୱାମୀ ସ୍ତ୍ରୀ ଭୁବନେଶ୍ୱର ସାଲିଆସାହିରେ ରହୁଥିଲେ। ଗତ ଜୁନ ୬ରେ ଶରତ ତାଙ୍କ ମା'ଙ୍କୁ ଦେଖିବା ପାଇଁ ସ୍ତ୍ରୀଙ୍କୁ ଧରି ଭଗବାନପୁର ଆସିଥିଲେ। ସେହିଦିନ ରାତି ୩ ଟାରେ ଶୁଭଶ୍ରୀଙ୍କୁ ମାରିବା ପାଇଁ ଶରତ ଯୋଜନା କରି ସାଙ୍ଗରେ ଗୋଟିଏ ଜରିଅଖା, ତାର ଏବଂ ସ୍ତ୍ରୀଙ୍କୁ ଧରି ବାଇକ୍‌ରେ ଘରୁ ବାହାରିଥିଲେ। ଯୋଜନା ମୁତାବକ ସେମାନେ କରଚୁଲି ନିକଟରେ କୌଣସି କାରଣରୁ ଓହ୍ଲାଇଥିଲେ। ସେଠାରେ ଅଚାନକ ଶରତ ଗୋଟିଏ ଲମ୍ବା ତାର ଦ୍ୱାରା ଶୁଭଶ୍ରୀଙ୍କ ବେକକୁ ଭିଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସାଙ୍ଗରେ ଥିବା ଜରି ଅଖାରେ ସ୍ତ୍ରୀଙ୍କ ମୃତଦେହକୁ ନେଇ ତାରସିଙ୍ଗି ଥାନା କାଳିଆମ୍ବା ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଶୁଭଶ୍ରୀଙ୍କ ଖବର ନ ପାଇ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୋଲିସ ଶରତଙ୍କୁ ଅଟକ ରଖି ପଚରାଉଚରା କରିଥିଲା, କିନ୍ତୁ କିଛି ସୁଫଳ ମିଳୁ ନ ଥିଲା। ଶେଷରେ ପୋଲିସ ଶୁଭଶ୍ରୀଙ୍କ ମୃତ କଙ୍କାଳ ଜଙ୍ଗଲରୁ ଉଦ୍ଧାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା।

## ତାରାତାରିଣୀ କଲେଜରେ ପାଠଚକ୍ର



ଉପସ୍ଥିତ ଅତିଥିବୃନ୍ଦ।

**ପୁରୁଷୋତ୍ତମପୁର, ୩୦।୧୦ (ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ଶିକ୍ଷା ବିଭାଗ ପକ୍ଷରୁ ପାଠଚକ୍ର ଉତ୍ସବ ବୁଧବାର ଅଧ୍ୟକ୍ଷ ଡ.ସୀମାଞ୍ଚଳ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କଲେଜର ପ୍ରଶାସନିକ ଅଧିକାରୀ ସୁଦର୍ଶନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ.ଗାୟତ୍ରୀ ଦାଶ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀ ପୂଜାରାଣୀ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ଦୀପ୍ତିମୟୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଶାକମ୍ବରୀ ସାହୁ, ସ୍ମୃତିରାଣୀ ସାହୁ, ଛାତ୍ର ସୁମିତ ରାଉଳ ପ୍ରମୁଖ ପ୍ରକଳ୍ପ ମାନ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ହରପ୍ରିୟା ନାୟକ, ଦୀପ୍ତିମୟୀ ସାହୁ, ମଞ୍ଜୁଲତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲା

# ୨ ଭାଇଙ୍କ ସମେତ ୩ ଜେଲ ଗଲେ

**ଦିଗପହଣ୍ଡି,୩୦।୧୦(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ବୁଧବାର ଡଙ୍କାରି ଗ୍ରାମର ୨ଭାଇ ବେନୁ ଗୌଡ଼, ଅଭି ଗୌଡ ଓ ତାଙ୍କ ସମ୍ପର୍କୀୟ ରାମ ଗୌଡଙ୍କୁ ଥାନା ମାମଲା ନଂ.୨୧୮/୧୯ରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତ ମାନଙ୍କୁ ସନ୍ଧ୍ୟାରେ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, କୁଶ ଗୌଡ ଗାଁରେ ବାଣ ଦୋକାନ କରିଥିଲେ। ଗତ ରବିବାର ସନ୍ଧ୍ୟାରେ ରମେଶ ଗୌଡଙ୍କ ପୁଅ ହୀନ କୁଶଙ୍କ ଦୋକାନକୁ ବାଣ କିଣିବାକୁ ଯାଇଥିଲେ। ଅଧିକ ମୂଲ୍ୟରେ ବାଣକିଣି ଘରକୁ ଆଣିଥିଲେ। ପରେ ରମେଶ ଯାଇ ପଚାରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ଓ ହାତାହାତି ହୋଇଥିଲା। ରମେଶଙ୍କ ଝିଅ ରିଙ୍କି ଛଡ଼ାଇବାକୁ ଯାଇଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ସଂଘବଦ୍ଧ ଭାବେ ଲୁହାଛଡରେ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ସେଠାରେ ତାଙ୍କର ଏବେ ଚିକିତ୍ସା ଚାଲିଛି। ଏନେଇ ଏତଲା ହେବା ପରେ ଆଇଆଇସି ବସନ୍ତ କୁମାର ସେଠୀ ବେନୁ, ଅଭି ଓ ରାମଙ୍କୁ ଗିରଫ କରିଥିଲେ। ଅନ୍ୟ ୧୦ ଅଭିଯୁକ୍ତ ଫେରାର ଥିବା ଆଇଆଇସି କହିଛନ୍ତି। ଅପରପକ୍ଷେ ଭାଗ୍ୟ ଗୌଡ ଏନେଇ ପାଲଟା ଅଭିଯୋଗ କରିବାରୁ ନଂ.୨୧୯/୧୯ରେ ୩ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

## ପୋଡ଼ିହୋଇ ମହିଳା ଗୁରୁତର

**ଆସିକା, ୩୦।୧୦ (ଡି.ଏନ୍.ଏ.):**

ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମ ନୂଆସାହିରେ ବୁଧବାର ସକାଳେ ପୋଡିହୋଇ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଉକ୍ତ ସାହିର ମାମାଲି ଚୌଧୁରୀ । ତାଙ୍କୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ମାମାଲି କେଉଁ ପରିସ୍ଥିତିରେ ପୋଡି ହେଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ନିକଟରେ ବି କୌଣସି ଅଭିଯୋଗ ହୋଇନି ।

## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଖଲ୍ଲିକୋଟ,୩୦।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ସହର ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଆଡିସିନାଲ ଏସ୍‌ପି ଶାନ୍ତନୁ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୁର୍ନୀତି ନିବାରଣ ପାଇଁ ବିଭିନ୍ନ ଉଦାହରଣ ଦେଇଥିଲେ। ଦୁର୍ନୀତିକୁ ପ୍ରଶ୍ରୟ ଦେବା ଏବଂ ଏହାକୁ ଦେଖି ପ୍ରତିବାଦ ନ କରିବା ଦ୍ୱାରା ସମାଜରେ ଏହା ବଢୁଛି। ତେଣୁ ଦୁର୍ନୀତି ଦେଖାଗଲେ ଏହାର ନିବାରଣ କାର୍ଯ୍ୟାଳୟକୁ ଫୋନ ଦ୍ୱାରା ଜଣାଇବାକୁ ପରାମର୍ଶ ଦେଇଥିଲେ। ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ସେ କହିଥିଲେ। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, କଲେଜ ପ୍ରଶାସନିକ ଅଧିକାରୀ ଓ କାର୍ଯ୍ୟକ୍ରମ ଅଧିକାରୀ ବିମଳ ପ୍ରସାଦ ସାହୁ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଅଲେଖ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଅତିଥି ମିଳିତ ଭାବେ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମକର୍ତ୍ତା ଅକ୍ଷୟ ଦାସ, ରଶ୍ମିତା ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

■ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

# ଆଗୁଆ ସତର୍କ ରହିଲେ କ୍ଷୟକ୍ଷତି ରୋକିହେବ

**ଫୁଲବାଣୀ ଅଫିସ,୩୦।୧୦:**

ଆଗୁଆ ସତର୍କ ରହି ନିଜକୁ ପ୍ରସ୍ତୁତ କରିବା ସହ ସୁପରିଚାଳନା କରିପାରିଲେ ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିକୁ ରୋକାଯାଇ ପାରିବ ବୋଲି ବୁଧବାର ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଅନୁଷ୍ଠିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଏବଂ ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ସହିତ ଜିଲାସ୍ତରୀୟ ମକ୍‌ଡ୍ରିଲ୍ କରାଯାଇଥିଲା । ଫୁଲବାଣୀ ଉପଜିଲାପାଳ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତ ଥିବା ଏବଂ ନ ଥିବା ମଧ୍ୟରେ ଏକ ତୁଳନାତ୍ମକ ବିପର୍ଯ୍ୟୟ ଉପରେ ଆଲୋଚନା କରିଥିଲେ। ଆପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ଅନ୍ୟତମ ଅତିଥିଭାବେ ଯୋଗଦେଇ ୧୯୯୯ ବାତ୍ୟା ସମୟରେ ତାଙ୍କର ଅନୁଭୂତି ସମ୍ପର୍କରେ କହିଥିଲେ। ସେହିପରି ଭାରପ୍ରାପ୍ତ ଜିଲା ଅଗ୍ନିଶମ ଅଧିକାରୀ ଅମରନ୍ ଗୌରବ ବିପର୍ଯ୍ୟୟ ପୂର୍ବରୁ, ସମୟରେ ଏବଂ ପରେ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲା ପ୍ରକଳ୍ପ ଅଧିକାରୀ ସରୋଜ କୁମାର ଝା ସଭା ପରିଚାଳନା କରିଥିବାବେଳେ ଆପାତକାଳୀନ ଶାଖାର ବରିଷ୍ଠ ସହାୟକ ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରାକୁ ଉପ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଭା ପରେ ଅଗ୍ନିକମାନଙ୍କ ଦ୍ୱାରା ବିପର୍ଯ୍ୟୟ ପ୍ରଶମନର ବିଭିନ୍ନ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ